# ଓପିଜିସି ଦ୍ୱାରା ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ

ଭୁବନେଶ୍ୱର,୪।୧୨(ଅନୁପମ ମିଡିଆ): ଓପିଜିସିର ଇବ୍ ଥର୍ମାଲ ଚିକିତ୍ସାଳୟ ତରଫରୁ ଗତ ୦୧.୧୨.୨୦୧୨ରିଖ ଶନିବାର ଦିନ ମନୋହରପୁର ଗ୍ରାମରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ମନୋହରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ସ୍ୱାସ୍ଥ୍ୟ ଶିବିରରେ ମନୋହରପୁର, ଡୁଲିଙ୍ଗା, ସାନଘୁମୁରା ଓ ଆଖପାଖ ଅଞ୍ଚଳର ପ୍ରାୟ ୧୭୦ଜଣ ପୁରୁଷ ଓ ମହିଳା ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ ।

ଇବ୍ ଥର୍ମାଲ ଚିକିତ୍ସାଳୟର ମୁଖ୍ୟ ଚିକିତ୍ସାଧିକାରୀ ଡାଃ ବିଜୟ ଲାଲ ବିଶ୍ୱାଳଙ୍କ ଓ ଅନ୍ୟତମ ଚିକିତ୍ସକ ଡାଃ ସଂଗୀତା ପଣ୍ଡାଙ୍କ ସମେତ ସ୍ୱତନ୍ତ୍ର ଭାବେ ଆମନ୍ତ୍ରିତ ହୋଇଥିବା ଡାଃ ବି.କେ. ପଟ୍ଟନାୟକ (ଚକ୍ଷୁ ବିଶେଷଜ୍ଞ), ଡାଃ ଅନୁସୟା ଦାଶ (ଦନ୍ତରୋଗ ବିଶେଷଜ୍ଞ), ଡାଃ ମିନାକ୍ଷୀ ପ୍ରଧାନ (ସ୍ତ୍ରୀ ପ୍ରସୁତି ବିଶେଷଜ୍ଞ) ଏବଂ ଡାଃ ଏମ୍.ଏମ୍.ପଣ୍ଡା (ଶିଶୁରୋଗ ବିଶେଷଜ୍ଞ) ରୋଗୀମାନଙ୍କ ପରୀକ୍ଷା କରିଥିଲେ । ଆବଶ୍ୟକ ମୁତାବକ ରୋଗୀମାନଙ୍କୁ ମାଗଣା ଔଷଧ ମଧ୍ୟ ବଣ୍ଟାଯାଇଥିଲା ।

ଇବ୍ ଥର୍ମାଲ୍ ଚିକିତ୍ସାଳୟର ପ୍ରଶାସନିକ ଅଧିକାରୀ ଦାମୋଦର ନାୟକଙ୍କ ତତ୍ତ୍ୱାବଧାନରେ ଆଠଜଣ ଚିକିତ୍ସାଳୟ କର୍ମଚାରୀ ଆସୁଥିବା ରୋଗୀମାନଙ୍କ ସେବାରେ ନିୟୋଜିତ ଥିଲେ । ଇବ୍ ଥର୍ମାଲ ମହିଳା କ୍ଲବର ସବିତା ନାୟକ, ରିତାରାଣୀ ସାହୁ, ସାଗରିକା ସା, ଶର୍ମିଷ୍ଠା ସାହୁ ଓ ନିଳିମା ସାହୁ ପ୍ରମୁଖ ଏହି ଶିବିର ପରିଚାଳନାରେ ସହଯୋଗ କରିଥିଲେ ।